**କାଠ ବୋଝେଇ ଗାଡ଼ି ଜବତ, ୪ ଗିରଫ**

ଗୋପବନ୍ଧୁ ନଗର, (ଡି.ଏନ.ଏ.): ଖୁଣ୍ଟା ଥାନା ଅଧୀନ ଡୁକୁରା ଫାଣ୍ଡି ପୋଲିସ ମଙ୍ଗଳବାର ସନ୍ଧ୍ୟାରେ ଏକ କାଠ ବୋଝେଇ ପିକ୍ଅପ୍ ଭ୍ୟାନ୍ ଜବତ କରିବା ସହ ୪ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ବାରିପଦା ଅଞ୍ଚଳର ଡ୍ରାଇଭର ଅର୍ଜୁନ ମାରାଣ୍ଡି, ଶ୍ରମିକ ଭାବେ କାମ କରୁଥିବା ମାନସ ରଞ୍ଜନ ଟୁଡୁ, ଖେଲାରାମ ବାସ୍କେ ଓ ରାମ ହେମ୍ବ୍ରମ। ଅନ୍ୟ ଦୁଇ ଜଣ ଫେରାର ଅଛନ୍ତି। ଖୁଣ୍ଟା ଥାନା ଅଧୀନ ତାଡ଼କି ଅଞ୍ଚଳରୁ ଉକ୍ତ ପିକ୍ଅପ୍ ଭ୍ୟାନ ଯୋଗେ ଆକାଶିଆ କାଠ ବାହାରକୁ ଚାଲାଣ ହେଉଥିବା ଖବରପାଇ ଡୁକୁରା ଫାଣ୍ଡି ଅଧିକାରୀ ସୁଶାନ୍ତ ମହାକୁଡ ଚଢ଼ାଉ କରିଥିଲେ। ଜବତ କାଠର ମୂଲ୍ୟ ୪୦ରୁ ୫୦ ହଜାର ଟଙ୍କା ହେବ ବୋଲି ଆକଳନ କରାଯାଇଛି।

## ସଂକ୍ଷେପରେ

### ନିର୍ମାଣ କାର୍ଯ୍ୟରେ ଶିଶୁ ଶ୍ରମିକ ନିୟୋଜିତ ଥାନାରେ ମାମଲା

ମୋରଡ଼ା,୨୭।୧୨(ଡି.ଏନ.ଏ.): ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ ଅଧୀନ ଘୋଲମୁହାଁ ପଞ୍ଚାୟତ ପକ୍ଷରୁ ଏକ ହାଟ ପିଣ୍ଡି ନିର୍ମାଣ କାର୍ଯ୍ୟରେ ଶିଶୁ ଶ୍ରମିକ ନିୟୋଜିତ ହେବା ନେଇ ଥାନାରେ ଅଭିଯୋଗ ହୋଇଛି। ଜଣେ ସଚେତନ ନାଗରିକଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା (ନଂ.୪୦୨/୨୨) ରୁଜୁ କରି ତଦନ୍ତ ଜାରି ରଖିଛି। ଏ ସଂକ୍ରାନ୍ତରେ ଘୋଲମୁହାଁ ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ(ପିଇଓ) ସୁଧୀର ବାରିକଙ୍କୁ ପଚାରିବାରୁ ଉକ୍ତ କାର୍ଯ୍ୟରେ ଶିଶୁ ଶ୍ରମିକଙ୍କୁ ନିୟୋଜିତ କରାଯାଇନାହିଁ ଓ ଏହା ଏକ ଚକ୍ରାନ୍ତ ବୋଲି ସେ କହିଛନ୍ତି।

### ହତ୍ୟାକାରୀଙ୍କୁ ଆଜୀବନ ଜେଲ

ବାରିପଦା ଅଫିସ,୨୭।୧୨: ମୟୂରଭଞ୍ଜ ଜିଲା ଓ ଦୌରାଜଜ୍ଙ୍କ କୋର୍ଟରେ ମଙ୍ଗଳବାର ଏକ ହତ୍ୟା ମାମଲାର ରାୟ ପ୍ରକାଶ ପାଇଛି। ଜଜ୍ ଅରବିନ୍ଦ ପଟ୍ଟନାୟକ ଏହାର ବିଚାର କରି ଦୋଷୀଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି । ଏହା ସହିତ ୫ହଜାର ଟଙ୍କା ଜରିମାନା ଓ ଅନାଦାୟେ ଅଧିକ ୬ମାସ ଜେଲଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ଅଭିଯୁକ୍ତ ଜଣକ ହେଲେ ଝାରପୋଖରିଆ ଥାନା ଅଧୀନ ଜାରକି ଗ୍ରାମର ତନ୍ତି ଟୁଡୁ। ମାମଲାର ବିବରଣୀ ଅନୁଯାୟୀ, ଜମିବାଡ଼ି ବିବାଦକୁ ନେଇ ୨୦୧୯ ଜାନୁୟାରୀ ୨୮ରେ ସମ୍ପର୍କୀୟ ଭାଇ ଦୁଲାଲ ଟୁଡୁଙ୍କ ସହ ତନ୍ତି ଟୁଡୁଙ୍କର ବଚସା ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ତନ୍ତି ଏକ କଟୁରିରେ ଦୁଲାଲଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ପରିବାର ଲୋକେ ଡାକ୍ତରଖାନା ନେଇଥିଲେ ହେଁ ତାଙ୍କର ମୃତ୍ୟୁ ହୋଇଥିଲା। ଏନେଇ ଦୁଲାଲଙ୍କ ଝିଅ ନାଗି ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ. ୧୦/୧୯)ରୁଜୁ କରି ଅଭିଯୁକ୍ତ ତନ୍ତିଙ୍କୁ କୋର୍ଟ ଚାଲାଣ କରିଥିଲା। ଜିଲା ଦୌରା ଜଜ୍ କୋର୍ଟର ଆଇନଜୀବୀ ସସ୍ମିତା ମହାପାତ୍ର ମାମଲା ପରିଚାଳନା କରିଥିଲେ।

### ୬୨୫ ଲିଟର ମହୁଲି ମଦ ଜବତ

ପାଟଣା,୨୭।୧୨(ସ୍ୱ.ପ୍ର.): କେନ୍ଦୁଝର ଜିଲା ପାଟଣା ଓ ସଦର ଅବକାରୀ ବିଭାଗ ପକ୍ଷରୁ ମଙ୍ଗଳବାର ପାଟଣା ଥାନା ଅଧୀନ ସାହାରପଡା ବ୍ଲକ ଅଞ୍ଚଳରେ ଚଢ଼ାଉ କରାଯାଇଛି। ରାଧାପୁର, ଭୋଳପଡା, ଖଣ୍ଡେଇପଡ଼ା, ଭାଲିଆଡ଼ିହା ଅଞ୍ଚଳରେ ଚଢ଼ାଉ ବେଳେ ମୋଟ ୬୨୫ ଲିଟର ମହୁଲି ମଦ ଜବତ ହେବା ସହ ୫୫୦୦ କି.ଗ୍ରା. ପୋଚ ନଷ୍ଟ କରାଯାଇଛି। ରାଧାପୁରର ପୂର୍ଣ୍ଣଚନ୍ଦ୍ର ବେହେରାଙ୍କ ନବନିର୍ମିତ ଦ୍ୱିତଳ ପ୍ରସାଦ ଘରେ ଅବକାରୀ ବିଭାଗ ଚଢ଼ାଉ କରି ୫୦ ଲିଟର ମହୁଲି ମଦ ଜବତ କରିବା ସହ୧୦୦ କିଗ୍ରା ପୋଚ ନଷ୍ଟ କରିଛି। ଗୃହ ଚାରିପଟେ ଗାତ କରି ମଦ ଲୁଚାଇ ରଖାଯାଇଥିବା ବେଳେ ପାଟଣା ଅବକାରୀ ଅଧିକାରୀ ଶରତ ଚନ୍ଦ୍ର ବାରିକଙ୍କ ନେତୃତ୍ୱରେ ଏହାକୁ ଜବତ କରାଯାଇଥିଲା। ଏନେଇ ଦୁଇଟି ପୃଥକ ମାମଲା ରୁଜୁ ହୋଇଛି। ତେବେ ଚଢ଼ାଉ ପୂର୍ବରୁ ଗାଡ଼ି ଶବ୍ଦ ଶୁଣି ମଦ ବେପାରୀମାନେ ଫେରାର ହୋଇଯିବାକୁ ସଫଳ ହୋଇଥିଲେ। ଏହି ଘଟଣାରେ ଅବକାରୀ ବିଭାଗ କାହାକୁ ଗିରଫ କରି ନ ଥିବା ବେଳେ କେବଳ ପୋଚ ନଷ୍ଟ କରି ଦୁଇଟି ମାମଲା ରୁଜୁ କରିଛି। ଚଢ଼ାଉରେ ସଦର ଅବକାରୀ ଓ ପାଟଣା କର୍ମଚାରୀ ସାମିଲ ଥିଲେ।

### କୃଷକ ସଂଘର କର୍ମକର୍ତ୍ତା ଚୟନ

ସିମୁଳିଆ, ୨୭।୧୨(ଡି.ଏନ.ଏ.): ଜିଲା କୃଷକ ସଂଘ ଦ୍ୱାରା ସିମୁଳିଆ ବ୍ଲକର ବିଭିନ୍ନ କର୍ମକର୍ତ୍ତାମାନଙ୍କ ଚୟନ କରାଯାଇଛି। ଏହି ଅବସରରେ ଜିଲା ସଂଘର ସାଧାରଣ ସମ୍ପାଦକ ପ୍ରଶାନ୍ତ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଜାମୁଝାଡ଼ିରେ ଅନୁଷ୍ଠିତ ଉତ୍ସବରେ କୃଷକ ସଂଘର ବ୍ଲକ ସଭାପତି ରୂପେ ରାଧାକାନ୍ତ ମିଶ୍ର, ଉପସଭାପତି ପ୍ରଭାସଚନ୍ଦ୍ର ମହାନ୍ତି, ସାଧାରଣ ସମ୍ପାଦକ ରାଜେନ୍ଦ୍ର ମହାପାତ୍ର, ସମ୍ପାଦକ ଭୀମସେନ ନାୟକ, କୋଷାଧ୍ୟକ୍ଷ ଶରତ ଚନ୍ଦ୍ର ବାରିକ, ସଭ୍ୟ ରୂପେ ଅଶୋକ କୁମାର ବାରିକ, ପୂର୍ଣ୍ଣଚନ୍ଦ୍ର ନାୟକ, ବରେନ୍ଦ୍ର ଦଳେଇ, ମହେନ୍ଦ୍ର ବେହେରା, ଭାଗବତ ବେହେରା ଓ ଉପଦେଷ୍ଟା ରୂପେ ମାୟାଧର ପାଣିଗ୍ରାହୀଙ୍କୁ ମନୋନୀତ କରାଯାଇଛି। ଏହି ତାଲିକାକୁ ଜିଲା କୃଷକ ସଂଘ କମିଟିକୁ ପ୍ରେରିତ କରାଯାଇଥିବା ସଂଘ ସାଧାରଣ ସମ୍ପାଦକ ସୂଚନା ଦେଇଛନ୍ତି।

# ୩୨୯ ଅଙ୍ଗନୱାଡି କେନ୍ଦ୍ରରେ ତାଲା

- ୩୭ ଦିନ ଧରି ଧାରଣାରେ ବସିଛନ୍ତି କର୍ମୀ, ସହାୟିକା
- ପୁଷ୍ଟିକର ଖାଦ୍ୟରୁ ବଞ୍ଚିତ ହେଉଛନ୍ତି ଶିଶୁ

ଧାମନଗର, ୨୭।୧୨(ଡି.ଏନ୍.ଏ)


ସିଡିପିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିବା ଅଙ୍ଗନୱାଡି କର୍ମୀ ଓ ସହାୟିକାମାନେ।

ଭଦ୍ରକ ଜିଲା ଧାମନଗର ବ୍ଲକ ସିଡିପିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ୮ ଦଫା ଦାବି ନେଇ ଅଲ୍ ଓଡ଼ିଶା ଅଙ୍ଗନୱାଡି ୱାର୍କର୍ସ ଆସୋସିଏଶନ ଓ ଭାରତୀୟ ମଜଦୁର ସଂଘ ପକ୍ଷରୁ ଚାଲିଥିବା ବିକ୍ଷୋଭ ଓ ଧାରଣା ମଙ୍ଗଳବାର ୩୭ ଦିନରେ ପହଞ୍ଚିଛି। ଦାବି ପୂରଣ ନ ହେବା ଯାଏ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣା ଜାରି ରହିବ ବୋଲି ସଂଘ ପକ୍ଷରୁ କୁହାଯାଇଛି। କର୍ମୀ ଓ ସହାୟିକାମାନଙ୍କ ଆନ୍ଦୋଳନ ଚାଲିଥିବାରୁ ସମନ୍ୱିତ ଶିଶୁ ବିକାଶ ଯୋଜନା ବାଟବଣା ହୋଇଛି। ରାଜଧାନୀଠାରୁ ଆରମ୍ଭ କରି ପ୍ରତ୍ୟେକ ବ୍ଲକ ସଦର ମହକୁମାରେ କାର୍ଯ୍ୟ ବନ୍ଦ ସେମାନେ ଆନ୍ଦୋଳନ ଜାରି ରଖିଛନ୍ତି। ଫଳରେ ଅଙ୍ଗନୱାଡି କେନ୍ଦ୍ରଗୁଡ଼ିକ ବନ୍ଦ ରହିଥିବାରୁ ଏହାର ପ୍ରଭାବ ଶିଶୁମାନଙ୍କ ଉପରେ ପଡ଼ିଛି। ଧାମନଗର ବ୍ଲକ ଓ ଏନ୍ଏସିରେ ମୋଟ ୩୫୩ ଅଙ୍ଗନୱାଡି କେନ୍ଦ୍ର ରହିଛି। ସେଥିମଧ୍ୟରୁ ୩୦୧ କେନ୍ଦ୍ର ଓ ୫୨ ମିନି କେନ୍ଦ୍ର ଥିବାବେଳେ ପ୍ରାୟ ୧୦ ହଜାର ପାଖାପାଖି ଶିଶୁ ରହିଛନ୍ତି। ୨୪ ଅଙ୍ଗନୱାଡି କେନ୍ଦ୍ର ଧାରଣାକୁ ସମର୍ଥନ ନ କରି କେନ୍ଦ୍ର ଖୋଲୁଥିବା ବେଳେ ୩୨୯ଟିରେ ତାଲା ଝୁଲୁଛି। ଏଭଳି ସ୍ଥିତିରେ ଶିଶୁମାନେ ପୁଷ୍ଟିକର ଖାଦ୍ୟ ପାଇବାରୁ ବଞ୍ଚିତ ହେବା ସହ ସହାୟତା ପାଉଥିବା କିଶୋରୀ, ଗର୍ଭବତୀ ଓ ପ୍ରସୂତି ମହିଳାମାନେ ମଧ୍ୟ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କର୍ମୀ ଓ ସହାୟିକାଙ୍କ ଅନୁପସ୍ଥିତିରେ ମହିଳା ଓ ସମନ୍ୱିତ ଶିଶୁ ବିକାଶ ବିଭାଗ ପକ୍ଷରୁ ନିକଟରେ ବ୍ଲକର ବିଭିନ୍ନ ସ୍ୱୟଂସହାୟକ ଗୋଷ୍ଠୀକୁ ନେଇ ଛତୁଆ ବଣ୍ଟାଯିବା ଆରମ୍ଭ ହୋଇଥିଲେ ମଧ୍ୟ ଏହା କିନ୍ତୁ ସଫଳ ହୋଇପାରି ନାହିଁ।

ଏ ସମ୍ପର୍କରେ ଧାମନଗର ସିଡିପିଓ ନମିତା ଦାସ କହିଛନ୍ତି, ଅଙ୍ଗନୱାଡି କର୍ମୀଙ୍କ ଆନ୍ଦୋଳନ ରାଜ୍ୟ ସମସ୍ୟା। ଆମେ ଛତୁଆ ବାଣ୍ଟିବାକୁ ସ୍ୱୟଂସହାୟକ ଗୋଷ୍ଠୀଙ୍କୁ ଦାୟିତ୍ୱ ଦେଇଛୁ। ଅଣ୍ଡା ବାଣ୍ଟିବା ଦାୟିତ୍ୱ ନେବାକୁ ଗୋଷ୍ଠୀ ରାଜି ନ ହେବାରୁ ସରକାର ମଧ୍ୟ ମନା କରିଥିଲେ। ଧାମନଗର ବ୍ଲକ ଏବଂ ଭଦ୍ରକ ଜିଲା ଅଙ୍ଗନୱାଡି ସଂଘର ସମ୍ପାଦିକା ଜୟନ୍ତୀ ଜେନା କେନ୍ଦ୍ର ଅଚଳାବସ୍ଥାକୁ ନେଇ କୁହନ୍ତି, ସେମାନେ ଅଧିକାଂଶ ସରକାରୀ କାର୍ଯ୍ୟ କରୁଥିବା ବେଳେ ବର୍ଷ ବର୍ଷ ଧରି କର୍ମୀ ଅବହେଳାର ଶିକାର ହୋଇଚାଲିଛନ୍ତି। ରାଜ୍ୟ ଏବଂ କେନ୍ଦ୍ର ସରକାର କର୍ମୀ ଓ ସହାୟିକାଙ୍କ ଆବଶ୍ୟକ ଦାବିଗୁଡ଼ିକ ପୂରଣ କରନ୍ତୁ।

## ଖଇରା ପାଇଁ ଗର୍ବ ଆଣିଲେ 'ଗୌରବ'

ଖଇରା, ୨୭।୧୨(ଡି.ଏନ.ଏ.)


ଭୂତତ୍ତ୍ୱବିତ୍ ପଦବୀ ପାଇଁ ପ୍ରଥମ ସ୍ଥାନରେ ଥିବା ଗୌରବ ସ୍ୱାଇଁ।

ବାଲେଶ୍ୱର ଜିଲା ଖଇରା ବ୍ଲକ ଶାଳଗଡିଆ ଗ୍ରାମର ଗୌରବ କୁମାର ସ୍ୱାଇଁ ଓଡିଶା ପ୍ରଶାସନିକ ସେବା ଭୂତତ୍ତ୍ୱବିତ୍ ପଦବୀରେ ପ୍ରଥମ ସ୍ଥାନ ଅଧିକାର କରି ଅଞ୍ଚଳ ପାଇଁ ଗର୍ବ ଆଣିଛନ୍ତି। ସୋମବାର ଫଳ ପ୍ରକାଶ ପାଇବା ପରେ ଖଇରାରେ ଖୁସିର ଲହରୀ ଖେଳିଯାଇଛି। ଏହା ପୂର୍ବରୁ ସେ ଉତ୍କଳ ବିଶ୍ୱବିଦ୍ୟାଳୟରେ ଭୂତତ୍ତ୍ୱ ବିଜ୍ଞାନରେ ସର୍ବାଧିକ ନମ୍ବର ରଖି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ତତ୍କାଳୀନ ରାଜ୍ୟ ଶିକ୍ଷାମନ୍ତ୍ରୀ ଅରୁଣ କୁମାର ସାହୁଙ୍କ ଦ୍ୱାରା ସମ୍ବର୍ଦ୍ଧିତ ହୋଇଥିଲେ। ନିଜ ପଦବୀର କ୍ଷମତା ମଧ୍ୟରେ ନିଜ ଅଞ୍ଚଳର ଲୋକମାନଙ୍କୁ କିଭଳି ଉତ୍କୃଷ୍ଟମାନର ଜଳ ମିଳିପାରିବ, ଚାଷଜମିକୁ ଜଳସେଚିତ କରାଯାଇ ପାରିବ ତାକୁ ସେ ପ୍ରାଥମିକତା ଦେବେ ବୋଲି କହିଛନ୍ତି। ଏଭଳି କୃତିତ୍ୱ ପଛରେ ମା' ଗୋଲାପରାଣୀ, ବାପା ଅଜୟ ସ୍ୱାଇଁ ଓ ପ୍ରଫେସରମାନଙ୍କର ଅବଦାନ ରହିଛି ବୋଲି ସାକ୍ଷାତ୍କାର ଅବସରରେ କହିଛନ୍ତି।

## 'ନୈତିକ ଶିକ୍ଷା ପିଲାଙ୍କୁ ଗଢ଼ିତୋଳେ'


ଅତିଥିଙ୍କ ଦ୍ୱାରା ମୁଖପତ୍ର ଉନ୍ମୋଚନ କରାଯାଉଛି।

ରୂପସା, ୨୭।୧୨(ଡି.ଏନ.ଏ.)

**ବିବେକାନନ୍ଦ ଶିକ୍ଷାକେନ୍ଦ୍ର ରୌପ୍ୟ ଜୟନ୍ତୀ ସମାରୋହ**

ବାଲେଶ୍ୱର ସଦର ବ୍ଲକ ହଳଦୀପଦା ବଜାର ରାଇସୁଆଁସ୍ଥିତ ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ରୌପ୍ୟଜୟନ୍ତୀ ସମାରୋହ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ରୂପସା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଆୟୁଷ ମେଡିକାଲ ଅଫିସର ଡା. ଅସିତ କୁମାର ପ୍ରଧାନ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ପ୍ରାକ୍ତନ ସିଆର୍‌ସିସି ଶରତ ଚନ୍ଦ୍ର ଜେନା ଉଦ୍‌ଘାଟନୀ ଉତ୍ସବରେ ପୌରୋହିତ୍ୟ କରିଥିଲେ। ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ବିଇଓ ଜୟନ୍ତ କୁମାର ପାଣିଗ୍ରାହୀ, ସମ୍ମାନନୀୟ ଅତିଥି ଭାବେ ଲିଙ୍ଗରାଜ ନାୟକ ପ୍ରମୁଖ ଯୋଗଦେଇ ନୈତିକ ଶିକ୍ଷା ହିଁ କୁନି ପିଲାଙ୍କୁ ଗଢି ତୋଳେ ବୋଲି କହିଥିଲେ। ସମାଜସେବୀ ଶାନ୍ତିଲତା ଦାସଙ୍କ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ର ସ୍ୱଚ୍ଛଭାରତ କାର୍ଯ୍ୟକ୍ରମ କରିଥିଲେ।

କମିଟି ସମ୍ପାଦକ କ୍ଷିତୀଶ କୁମାର ଜେନାଙ୍କ ପୌରାହିତ୍ୟରେ ସନ୍ଧ୍ୟା ଅଧିବେଶନ ହୋଇଥିଲା। ମୁଖ୍ୟଅତିଥି ଭାବେ ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତି ଯୋଗଦେଇ ବିବେକାନନ୍ଦଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରିଥିଲେ। ମୁଖ୍ୟବକ୍ତା ଭାବେ ପୂର୍ବତନ ପ୍ରଶାସନିକ ଅଧିକାରୀ ପ୍ରଦୀପ ଦାସ, ସମ୍ମାନନୀୟ ଅତିଥି ଭାବେ ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାଶ, ଉତ୍କଳ ଶିକ୍ଷା ପରିଷଦର ସମ୍ପାଦକ ଯୋଗେନ୍ଦ୍ର ଦାସ, ଅବସରପ୍ରାପ୍ତ ଏସ୍‌ପି ଜୟନାରାୟଣ ରଣା ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରଧାନ ଆଚାର୍ଯ୍ୟ ରତିକାନ୍ତ ଚୌଧୁରୀ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ଅତିଥିଙ୍କ ଦ୍ୱାରା ବିବେକଶ୍ରୀ ମୁଖପତ୍ର ଉନ୍ମୋଚିତ ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର, ପୁରସ୍କାର ବିତରଣ କରାଯାଇଥିଲା। କମିଟି ସଭାପତି ଶୀତିକଣ୍ଠ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ସମସ୍ତ ଗୁରୁମା ଗୁରୁଜୀ ଉତ୍ସବ ପରିଚାଳନା କରିଥିଲେ।

# ମୁଖ୍ୟମନ୍ତ୍ରୀଙ୍କ ମାନସ ସନ୍ତାନ ମିଶନ ଶକ୍ତି: ମନ୍ତ୍ରୀ

**ମିଶନ ଶକ୍ତି ସଚେତନତା କର୍ମଶାଳା**

ଭଣ୍ଡାରିପୋଖରୀ, ୨୭।୧୨ (ସ୍ୱ.ପ୍ର.)



ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ଅଧୀନ ତେସିଙ୍ଗା ପଞ୍ଚାୟତ କୁଲଣା ବାସୁଳାଇ ପଡ଼ିଆଠାରେ ବ୍ଲକସ୍ତରୀୟ ମିଶନ ଶକ୍ତି ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ବିଡିଓ ଦେବଦତ୍ତ ଦାସଙ୍କ ସଭାପତିତ୍ୱରେ ଆୟୋଜିତ କର୍ମଶାଳାରେ ମୁଖ୍ୟଅତିଥି ଭାବେ ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି ବିଭାଗ ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ମାନସ ସନ୍ତାନ ମିଶନ ଶକ୍ତି ବୋଲି ବକ୍ତବ୍ୟରେ କହିଥିଲେ। ସମ୍ମାନିତ ଅତିଥି ଭାବେ ବିଧାୟକ ପ୍ରଫୁଲ୍ଲ ସାମଲ ଯୋଗଦେଇ କହିଥିଲେ, ନବୀନ ବାବୁ ମହିଳାମାନଙ୍କ ପାଇଁ ନୂତନ ପରିଚୟ ସୃଷ୍ଟି କରିଛନ୍ତି। ମହିଳା ସଶକ୍ତୀକରଣ ହେଲେ ପରିବାରର ଆର୍ଥିକ ସ୍ଥିତି ସୁଦୃଢ଼ ହେବ। ସେହିଭଳି ନିମନ୍ତ୍ରିତ ଅତିଥି ଭାବେ ଏମ୍‌ପି ମଞ୍ଜୁଲତା ମଣ୍ଡଳ ମିଶନ ଶକ୍ତି ବାବଦରେ ବିଭିନ୍ନ ବକ୍ତବ୍ୟ ପ୍ରଦାନ କରିଥିଲେ। ଅନ୍ୟତମ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ସୁମତି ସେଠୀ, ଉପାଧ୍ୟକ୍ଷ ପ୍ରଣୀତକାନ୍ତି ସାମଲ, ସରପଞ୍ଚ ଧନେଶ୍ୱର ଖୁଣ୍ଟିଆ, ଦେବଦାସୀ ଜେନା, ବର୍ଷାରାଣୀ ଜେନା, ସାଧନାଞ୍ଜଳି ମହାପାତ୍ର, ସମିତିସଭ୍ୟା ଜ୍ୟୋତିସ୍ମିତା ସାହୁ, ରିତାଞ୍ଜଳି ସାମଲ, ସିଡିପିଓ ନିର୍ଝରିଣୀ ରାଉତ ପ୍ରମୁଖ ଯୋଗଦେଇଥିଲେ। ଏମ୍‌ବିକେ ଶୁଭଲକ୍ଷ୍ମୀ ଭାରତୀ, ଇସି ମେମ୍ବର ସନ୍ଧ୍ୟାରାଣୀ ନାୟକ, ରୋଜି ତ୍ରିପାଠୀ, ମଞ୍ଜୁଲତା ମାଝୀ, ସୁଶିଳା ଦାସ, ପ୍ରମିଳା ଧଳ ପ୍ରମୁଖ ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଜଣାଇଥିଲେ।

ଏହି ଅବସରରେ ସର୍ବାଧିକ ଏସ୍‌ଏଚ୍‌ଜି ଗ୍ରୁପକୁ ଋଣ ପ୍ରଦାନ କରିଥିବା ବିବିସିସି ଶାଖା ପରିଚାଳକ ବିଚିତ୍ର ସାହୁ ଏବଂ ଓଜିବି ଶାଖା ପରିଚାଳିକା ସାଗରିକା ଦାଶଙ୍କୁ ମନ୍ତ୍ରୀ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ପଲ୍ଲୀସ୍ମୃତି, ମା' ବୁଢ଼ୀ ଜାଗୁଲାଇ, ବାଞ୍ଛାନିଧି ଓ ମା' ତାରିଣୀ ଏସ୍‌ଏଚ୍‌ଜି ଗ୍ରୁପକୁ ଋଣ ବାବଦୀୟ ଚେକ୍ ପ୍ରଦାନ କରାଯାଇଥିଲା। ମିଶନ ଶକ୍ତି ଜିଲା ସଂଯୋଜକ ସଞ୍ଜୟ କୁମାର ବାରିକ ଆଭିମୁଖ୍ୟ ପ୍ରଦାନ ଓ ସୀତାଂଶୁ ଶେଖର ଉଦ୍ଦେଶ୍ୟ ଜ୍ଞାପନ କରିଥିବା ବେଳେ ବ୍ଲକ ସଂଯୋଜକ ସୁବ୍ରତ ପଣ୍ଡା ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ବନିତା ଦଳାଇ, ସୀମାରାଣୀ ପଣ୍ଡା, କାଞ୍ଚନବାଳା ମଲ୍ଲିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବ୍ଲକ ଅଧୀନ ସମସ୍ତ ପଞ୍ଚାୟତର ଏମ୍‌ବିକେ, ସିଆର୍‌ପି, ଏସ୍‌ଏଚ୍‌ଜି ଗ୍ରୁପର ସଭାନେତ୍ରୀ, ସମ୍ପାଦିକା ଓ ସଦସ୍ୟାମାନେ ଯୋଗ ଦେଇଥିଲେ।

## ୨୩୨ ଗ୍ରାମ୍ ବ୍ରାଉନସୁଗାର ଜବତ, ଜଣେ ଗିରଫ

ବାଲେଶ୍ୱର ଅଫିସ/ବାହାନଗା, ୨୭।୧୨(ଡି.ଏନ.ଏ.)

ବାଲେଶ୍ୱର ସହରାଞ୍ଚଳ ସହ ଗ୍ରାମାଞ୍ଚଳରେ ଦିନକୁ ଦିନ ବଢ଼ି ଚାଲିଛି ନିଶା କାରବାର। ଏହାକୁ ରୋକିବା ପାଇଁ ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେଙ୍କ ନିର୍ଦ୍ଦେଶରେ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଉଛି। ଖନ୍ତାପଡ଼ା ଥାନା ଅଞ୍ଚଳରେ ବ୍ରାଉନସୁଗାର କାରବାର ହେଉଥିବା ଖବରପାଇ ମଙ୍ଗଳବାର ଅବକାରୀ ବିଭାଗର ସୁପରିଣ୍ଟେଣ୍ଡେଣ୍ଟ ସୁଶାନ୍ତ କୁମାର ପାଢ଼ୀଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ଚଢାଉ କରିଥିଲେ। ଜଣେ ବ୍ୟକ୍ତି ଖୁଚୁରାରେ ବ୍ରାଉନ୍‌ସୁଗାର ବିକ୍ରି କରୁଥିବା ବେଳେ ଚଢାଉ କରି ତାଙ୍କ ନିକଟରୁ ୨୩୨ଗ୍ରାମ୍ ବ୍ରାଉନସୁଗାର ଜବତ କରାଯାଇ ତାଙ୍କୁ ଗିରଫ କରାଯାଇଛି। ସେ ହେଉଛନ୍ତି ଖନ୍ତାପଡ଼ା ଅଞ୍ଚଳର ଅନୁଜ କୁମାର ମହାନ୍ତି (୫୪)। ଜବତ ବ୍ରାଉନସୁଗାର ଆନୁମାନିକ ମୂଲ୍ୟ ୨୩ଲକ୍ଷରୁ ଅଧିକ ଟଙ୍କା ହେବ। ବ୍ରାଉନ୍‌ସୁଗାର କେଉଁଠୁ ଆଣୁଥିଲେ ଓ କାହାକୁ ବିକ୍ରି କରୁଥିଲେ ଏନେଇ ଅଧିକ ତଦନ୍ତ ଜାରିରହିଥିବା ଭ୍ରାମ୍ୟମାଣ ଅବକାରୀ ଥାନା ଅଧିକାରୀ ଗାଲୁରାମ ସୋରେନ କହିଛନ୍ତି। ଚଢ଼ାଉରେ ଗୋପାଳପୁର ଅବକାରୀ ଥାନା ଅଧିକାରୀ ସୁରଜ କୁମାର ଟିଗା, ଇନ୍ସପେକ୍ଟର ଜଗନ୍ନାଥ ବେହେରା ଓ ଭକ୍ତଚରଣ ସ୍ୱାଇଁ, କନଷ୍ଟେବଳ ବିଦ୍ୟାଧର ବିନ୍ଧାଣୀ, ଧୀରେନ୍ଦ୍ର ସିଂହ, ରଶ୍ମିରେଖା ପାତ୍ର, ଅରଜିତ ସାହୁ, ହୃଷିକେଶ ବାରିକ ଓ ସନ୍ତୋଷ କୁମାର ବେହେରା ସାମିଲ୍ ଥିଲେ।

# ଭାଗନେଲେ ୫୦୦ ପ୍ରତିଯୋଗୀ

**ରାଜ୍ୟ ଟାଏକୋଣ୍ଡୋ ଚାମ୍ପିୟନଶିପ୍**

ଭଦ୍ରକ ଅଫିସ, ୨୭।୧୨


୨ ପ୍ରତିଯେଗୀଙ୍କ ମଧରେ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

ଓଡ଼ିଶା ଟାଏକୋଣ୍ଡୋ ଆସୋସିଏଶନ ପକ୍ଷରୁ ଭଦ୍ରକ ଚରମ୍ପାସ୍ଥିତ ଅଗ୍ରସେନ ଭବନଠାରେ ମଙ୍ଗଳବାର ୧୯ତମ ରାଜ୍ୟ ଟାଏକୋଣ୍ଡୋ ଚାମ୍ପିୟନଶିପ୍ ଉଦ୍‌ଘାଟିତ ହୋଇଯାଇଛି। ଦୁଇଦିନ ବ୍ୟାପୀ ଏହି ପ୍ରତିଯୋଗିତାରେ ୧୫ ଜିଲାରୁ ୫ଶହ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ଭାରତୀୟ ଟାଏକୋଣ୍ଡୋର ଜନକ ତଥା ଟାଏକୋଣ୍ଡୋ ଫେଡେରେଶନ ଅଫ୍ ଇଣ୍ଡିଆର ସେକ୍ରେଟାରୀ ଜେନେରାଲ ଗ୍ରାଣ୍ଡମାଷ୍ଟର ଡ. ଜିମ୍ମି ଆର୍. ଜାଗତିଆନୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। କର୍ନାଟକ ଟାଏକୋଣ୍ଡୋ ଆସୋସିଏଶନର ସମ୍ପାଦକ ଏମ୍.ସୁନ୍ଦରମ୍ ଆୟାର, ଓଡ଼ିଶା ବାର୍ କାଉନସିଲ ସଦସ୍ୟ ପବନ ଶର୍ମା, ସାମାଜିକ କର୍ମୀ ବିଦ୍ୟାଧର ବାରିକ, ମାରୱାଡି ଯୁବମଞ୍ଚର ସଦସ୍ୟ ବିଶାଲ ଗୋପାଲ ଲଖାନୀ, ସବୁଜ କ୍ଲବ ସମ୍ପାଦକ ଅଜୟ ଧଳ, କିଟ୍ ବିଶ୍ୱବିଦ୍ୟାଳୟର କ୍ରୀଡ଼ା ପ୍ରଶିକ୍ଷକ ସସ୍ମିତା ନନ୍ଦ, ହାପିହୋମ୍‌ର ଅଧ୍ୟାପିକା ପ୍ରତିଭା ତିୱାରୀ ଓ କାର୍ମେଲ ସ୍କୁଲ ଅଧ୍ୟାପିକା ସଂଘମିତ୍ରା ନନ୍ଦିନୀ ଦାସ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକାରୀ ସଭାପତି ପ୍ରାଧ୍ୟାପକ ବିଜୟ ଜେନା ଅଧ୍ୟକ୍ଷତା କରିଥିବା ବେଳେ ସାଧାରଣ ସମ୍ପାଦକ ରବିନାରାୟଣ ପାଣିଗ୍ରାହୀ ବିବରଣୀ ପାଠ କରିଥିଲେ। ଉପସଭାପତି ରମେଶ ପ୍ରଧାନ ଅତିଥି ପରିଚୟ ଓ ଯୁଗ୍ମ ସମ୍ପାଦକ ପ୍ରଫେସର ଯୋଗେଶ୍ୱର ମହନ୍ତ ଧନ୍ୟବାଦ ଦେଇଥିଲେ। ଅପରାହ୍ନରେ ବିଧାୟକ ସଞ୍ଜୀବ ମଲ୍ଲିକ ଅତିଥି ଭାବେ ଯୋଗ ଦେଇଥିଲେ।

## ମାଡ଼ିଗଲା ଟ୍ରକ୍, ସାଇକେଲ୍ ଚାଳକ ମୃତ

ନୀଳଗିରି, ୨୭।୧୨(ସ୍ୱ.ପ୍ର.)

ବାଲେଶ୍ୱର ଜିଲା ନୀଳଗିରି ବାଇପାସ ରାସ୍ତା କଦମ୍ବସାହି ଅଞ୍ଚଳରେ ମଙ୍ଗଳବାର ଜଣେ ସାଇକେଲ ଚାଳକଙ୍କ ଉପରେ ମାଟି ବୋଝେଇ ଟ୍ରକ ମାଡ଼ିଯିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ଘାଟଘରସାହି ଅଞ୍ଚଳର ସନାତନ ରାଉତ (୭୫)। ଟ୍ରକ ଡ୍ରାଇଭର ଫେରାର ହୋଇଯାଇଛନ୍ତି। ନୀଳଗିରି ପୋଲିସ ଶବ ଜବତ କରି ବ୍ୟବଚ୍ଛେଦ କରିବାକୁ ପଠାଇଥିବା ଥିବା ବେଳେ ମାଟି ବୋଝେଇ ଟ୍ରକ କାହାର ସେନେଇ ତଦନ୍ତ ଜାରି କରିଛି।

# ସୁବର୍ଣ୍ଣ ଜୟନ୍ତୀ ପ୍ରସ୍ତୁତି ବୈଠକ


ଆଲୁମନି କମିଟି କର୍ମକର୍ତ୍ତାଙ୍କୁ ସ୍ୱାଗତ କରାଯାଉଛି।

ସାରସକଣା,୨୭।୧୨(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ସାରସକଣା ବ୍ଲକ ଉମାଦେଇପୁର ପଞ୍ଚାୟତସ୍ଥିତ ହରିଶ୍ଚନ୍ଦ୍ର ସରକାରୀ ଉଚ୍ଚବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ପାଳନ ଉଦ୍ଦେଶ୍ୟରେ ପ୍ରଧାନଶିକ୍ଷକ ହେମନ୍ତ ମହାନ୍ତଙ୍କ ଆହ୍ୱାନ କ୍ରମେ ପୁରାତନ ଛାତ୍ରୀଛାତ୍ରଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ପୁରାତନ ଛାତ୍ର ତଥା ଅବସରପ୍ରାପ୍ତ ଅଧ୍ୟାପକ ଶରତ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ରତିକାନ୍ତ ମହାନ୍ତ, ଶିକ୍ଷକ ଡମନ ଚନ୍ଦ୍ର ମହାନ୍ତ, ସଞ୍ଜୟ ଷଡଙ୍ଗୀ, ଦିଲ୍ଲୀପ ମିଶ୍ର, ରାଜେନ୍ଦ୍ର ନାଏକ ଓ ଉପେନ୍ଦ୍ର ପ୍ରଧାନ ମଞ୍ଚାସୀନ ହୋଇଥିଲେ। ପୁରାତନ ଛାତ୍ରୀ କୁମୁଦିନୀ ମହାନ୍ତ ମଞ୍ଚ ପରିଚାଳନା କରିଥିଲେ। ସୁବର୍ଣ୍ଣ ଜୟନ୍ତୀ ପାଳନ ନିମନ୍ତେ ଆଲୁମନି କମିଟି ଗଠନ କରାଯାଇଥିଲା। ଆୟୋଜକ ଭାବେ ପୁରାତନ ଛାତ୍ର ଭରତ ଚନ୍ଦ୍ର ମହାନ୍ତ, ସଭାପତି ସଞ୍ଜୟ ଷଡ଼ଙ୍ଗୀ, ଉପସଭାପତି ସ୍ୱରୂପ ମିଶ୍ର ଓ ଦିଲ୍ଲୀପ ମିଶ୍ର, କୋଷାଧ୍ୟକ୍ଷ ହେମନ୍ତ କୁମାର ମହାନ୍ତ ଓ ସୁଶାନ୍ତ ଗିରି, ସହ ସମ୍ପାଦକ ପରମାନନ୍ଦ ପ୍ରହରାଜ ଓ ସୁଜିତ ହୋତା, ସମ୍ପାଦକ ଭାବେ ଶିଉଲାଲ ମହାନ୍ତଙ୍କୁ ଚୟନ କରାଯାଇଥିଲା। ସୁରମା ମହାପାତ୍ର, ବୀଣାପାଣି ଦାସ, ସରୋଜ ମିଶ୍ର, ଦୀପକ ଶତପଥି ପ୍ରମୁଖ ଉପସ୍ଥିତ ଥିଲେ।

# କୋଇଲା ବୋଝେଇ ଟ୍ରକ୍ ଜବତ, ୩ ଅଟକ

କେନ୍ଦୁଝର, ୨୭।୧୨(ସ୍ୱ.ପ୍ର.)

କେନ୍ଦୁଝର ଜିଲା ଘଟଗାଁ ରେଞ୍ଜ ଅଞ୍ଚଳରୁ ମଙ୍ଗଳବାର ଅପରାହ୍ନରେ ବନ ବିଭାଗ ଚୋରା ଚାଲାଣ ହେଉଥିବା ଏକ କୋଇଲା ବୋଝେଇ ଟ୍ରକ୍ ଜବତ କରିଛି। ଏଥିସହ ଚାଳକ ସମେତ ୩ ଜଣଙ୍କୁ ଅଟକ ରଖି ବନ ବିଭାଗ ତଦନ୍ତ



ଚଳାଇଛି। ଏହି କୋଇଲା ବାଇଗଣପାଳ ଗ୍ରାମରୁ ଆସିଥିବା ଜଣାପଡ଼ିଛି। ଏହାସହ ଏକ ବାଇକ୍ ଜବତ କରାଯାଇଥିବା ଡିଏଫ୍‌ଓ ଏଚ୍.ଡି.ଧନରାଜ କହିଛନ୍ତି।

ଏହି ଜିଲାରୁ ନିୟମିତ କାଠ, କୋଇଲା ଟ୍ରକ୍‌ରେ ବୋଝେଇ ହୋଇ ବାହାରକୁ ଚାଲାଣ ହୋଇଆସୁଛି। କାଠକୁ ପୋଡ଼ି କୋଇଲା ପ୍ରସ୍ତୁତ ହୋଇଥାଏ। ଏଣୁ ବହୁ ମାତ୍ରାରେ ଜଙ୍ଗଲ ପୋଡ଼ି ସହ ବଡ଼ ବଡ଼ ଗଛକୁ ମାଫିଆମାନେ ପୋଡ଼ି ବାହାରକୁ ଚାଲାଣ କରିଥାନ୍ତି। ଫଳରେ ଜଙ୍ଗଲ ଓ ପରିବେଶ ନଷ୍ଟ ସାଙ୍ଗକୁ ବାୟୁ ପ୍ରଦୂଷଣ ହୋଇଥାଏ। ଏହି ନିଆଁରେ ବନ୍ୟଜନ୍ତୁମାନେ ପୋଡ଼ି କ୍ଷତିଗ୍ରସ୍ତ ହୋଇଥାନ୍ତି। ଏନେଇ ବିଭାଗ ଓ ପ୍ରଶାସନ ପକ୍ଷରୁ ଦୃଢ଼ ପଦକ୍ଷେପ ନିଆଯିବାକୁ ଦାବି ହେଉଛି।

# ଢେଙ୍କିକୋଟ ବଜାରରେ ଖାଦ୍ୟ ସୁରକ୍ଷା ବିଭାଗର ଚଢ଼ାଉ

ଢେଙ୍କିକୋଟ,୨୭।୧୨(ଡି.ଏନ.ଏ.)


ଚଢ଼ାଉରେ ସାମିଲ ଖାଦ୍ୟ ସୁରକ୍ଷା ଅଧିକାରୀ ।

କେନ୍ଦୁଝର ଜିଲା ଢେଙ୍କିକୋଟ ବଜାରରେ ଥିବା ଦୋକାନଗୁଡ଼ିକରେ ମଙ୍ଗଳବାର କେନ୍ଦୁଝର ଓ ଆନନ୍ଦପୁରର ଖାଦ୍ୟ ସୁରକ୍ଷା(ଫୁଡ୍ ସେଫ୍‌ଟି) ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଥିଲା। କେନ୍ଦୁଝର ଜିଲା ଡି.ପି.ଏ.ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ. ଲଲାଟେନ୍ଦୁ ନାୟକଙ୍କ ନିର୍ଦ୍ଦେଶ କ୍ରମେ ଜିଲା ଏନ.ସି.ଡି କାଉନସେଲର ସୁଜାତା କବି, ଆନନ୍ଦପୁର ଫୁଡ୍ ସେଫଟି ଅଫିସର ଅନୀଲ କୁମାର ରାଣା, କେନ୍ଦୁଝର ଫୁଡ୍ ସେଫଟି ଅଫିସର ଜିତେନ୍ଦ୍ର ମହାନ୍ତ, ଘଟଗାଁ ଅବକାରୀ ସବ୍ ଇନ୍ସପେକ୍ଟର ଗୋକୁଳ ଧର, ଢେଙ୍କିକୋଟର ୨ମହିଳା କନେଷ୍ଟବଳଙ୍କ ସହ ବଜାରର ବିଭିନ୍ନ ରାଶନ ଦୋକାନ, ଭେରାଇଟି ଦୋକାନ ଏବଂ ଜଳଖିଆ ଦୋକାନଗୁଡ଼ିକରେ ଚଢ଼ାଉ କରିଥିଲେ। ଯେଉଁ ଦୋକାନର ଫୁଡ ଲାଇସେନ୍ସ ଅଛି ସେମାନଙ୍କଠାରୁ ୨୦୦ ଟଙ୍କା ଏବଂ ଯାହାର ଲାଇସେନ୍ସ ନାହିଁ ସେମାନଙ୍କଠାରୁ ମଧ୍ୟ ୨୦୦ ଟଙ୍କା ଜରିମାନା ଆଦାୟ କରାଯାଇଥିବା ଅଭିଯୋଗ ହୋଇଛି। ଗୁଣବତ୍ତା ପରୀକ୍ଷା ନିମନ୍ତେ କେତେକ ଦୋକାନରୁ ବିଭିନ୍ନ ଖାଦ୍ୟ ପରୀକ୍ଷା ଲାଗି ପଠାଯାଇଛି। ଚଢ଼ାଉରେ ସାମିଲ ଅଧିକାରୀ ଦୋକାନୀମାନଙ୍କୁ ସଚେତନ କରାଇ ଏକ୍ସପ୍ୟାରୀ ଜିନିଷ ଜଣସାଧାରଣଙ୍କୁ ବିକିବା ମନା ଏବଂ ଯେଉଁ ଜିନିଷର ନିର୍ମାଣ ଓ ପ୍ୟାକିଙ୍ଗ ସାଙ୍ଗକୁ ଜିନିଷର ସୀମା ଧାର୍ଯ୍ୟ ତାରିଖ ଲେଖା ଯାଇ ନ ଥିବ ସେ ଜିନିଷ ବିକ୍ରି କରିବା ପାଇଁ ବାରଣ କରିଥିଲେ। ଖାଇବା ଜିନିଷ ବିକ୍ରି କରୁଥିବା ବ୍ୟବସାୟୀ ଫୁଡ୍ ଲାଇସେନ୍ସ କରିବା ପାଇଁ ତାଗିଦ୍ କରିଥିଲେ। ତେବେ ବିଦ୍ୟାଳୟଗୁଡ଼ିକ ପାଖରେ ତମାଖୁ ଓ ଗୁଟ୍‌ଖା ବିକ୍ରି ହେଉଥିଲେ ମଧ୍ୟ ସେଥିପ୍ରତି ବିଭାଗ ଦୃଷ୍ଟି ଦେଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

**ପାଟଣାରେ ପକ୍ଷୀ ମଡ଼କ**

ପାଟଣା,(ସ୍ୱ.ପ୍ର.): କେନ୍ଦୁଝର ଜିଲା ପାଟଣା ବ୍ଲକ ବଡ଼ ପାଟଣା ପଞ୍ଚାୟତ କୁଆପାଶି ଗ୍ରାମରେ ମଙ୍ଗଳବାର କୁଆ,ଘୁଆ,ପାରା,କାଉ,ବଗ ଓ କୁକୁଡ଼ା ହଠାତ୍ ମରି ପଡ଼ିଥିବା ଦେଖିବାକୁ ମିଳିଥିଲା । ସ୍ଥାନୀୟ ଲୋକେ ବାର୍ଡ ଫ୍ଲୁ ଆଶଙ୍କା କରି ଭୟଭୀତ ହୋଇ ପଡ଼ିଛନ୍ତି। ପକ୍ଷୀ ମଡ଼କ ଭୟରେ କେତେକ ବ୍ୟକ୍ତି କମ୍ ଦରରେ ଦେଶୀ କୁକୁଡ଼ାଗୁଡ଼ିକୁ ବିକ୍ରି କରିଦେଉଥିବା ଜଣାପଡ଼ିଛି। ଚିକିତ୍ସକ ଦଳ ପଠାଇ ପରୀକ୍ଷା ଓ ତଦନ୍ତ କରିବାକୁ ଦାବି ହେଉଛି। ଏନେଇ ପାଟଣା ପ୍ରାଣୀଧନ ଚିକିତ୍ସା ଅଧିକାରୀ ଡା.ବିଜୟ ସେଠୀଙ୍କ ମତାମତ ଜାଣିବା ପାଇଁ ଫୋନ କରିଥିଲେ ହେଁ ସେ ଫୋନ ଉଠାଇ ନ ଥିଲେ।

## ଆଜି କ'ଣ କେଉଁଠି

ବାଲେଶ୍ୱର

- ଅନ୍ତର୍ଜାତୀୟ ସମ୍ମିଳନୀର ଦ୍ୱିତୀୟ ଦିବସ, ସ୍ଥାନ: ଫକୀରମୋହନ ବିଶ୍ୱବିଦ୍ୟାଳୟର ନୂତନ କ୍ୟାମ୍ପସ୍, ସମୟ: ପୂର୍ବାହ୍ନ ୧୧ଟା।
- ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପନୀ, ସ୍ଥାନ: ବାଲେଶ୍ୱର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଶୋଭାରାମପୁର, ସମୟ: ଅପରାହ୍ନ ୪ଟା।
- ଖଇରା ବ୍ଲକର ଡୁଙ୍ଗୁରା, ଗୋଳିହା, ଖଇରା, ଗୋବିନ୍ଦପୁର, ମିର୍ଜାପୁର, ଗଗନଚୁଳି, କୁରୁଣ୍ଡା ସମବାୟ ସମିତିରେ ମଣ୍ଡି ଉଦ୍‌ଘାଟନ, ସମୟ: ପୂର୍ବାହ୍ନ ୧୧ଟା।

## ସଂକ୍ଷେପରେ

### ରାଇରଙ୍ଗପୁରରେ ଭାଜପାର ସତ୍ୟାଗ୍ରହ

**ରାଇରଙ୍ଗପୁର,୨୭।୧୨(ଡି.ଏନ.ଏ.):** ମୟୂରଭଞ୍ଜ ଜିଲା ରାଇରଙ୍ଗପୁର କଚେରି ପରିସରରେ ଥିବା ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତି ତଳେ ଭାଜପା ପକ୍ଷରୁ ସତ୍ୟାଗ୍ରହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲା କାର୍ଯ୍ୟକାରିଣୀ ସଦସ୍ୟ ଈଶାନ ମିଶ୍ରଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିକାଶ ମହାନ୍ତ, ବରୁଣ ଦେ, କିଶୋର ରଜକ, ଶିବୁ ଅଗ୍ରୱାଲ,ବିଜୁ ଗୋପାଲ ଗୋପ, ଫାଗୁରାମ ମାରାଣ୍ଡି, ସଞ୍ଜୟ ନାୟକ, ଲାଲା ବାରିକ,ପରମାନନ୍ଦ ବେହେରା, ସାମନ୍ତ ଗିରି, ସରୋଜ ମହାନ୍ତ, ପ୍ରଦୀପ ରାଉତଙ୍କ ସମେତ ବହୁ କର୍ମୀ ସାମିଲ ହୋଇଥିଲେ।

### ଟ୍ରକକୁ ପଛରୁ ପିଟିଲା ଆମ୍ବୁଲାନ୍ସ: ଜଣେ ମୃତ, ୫ ଗୁରୁତର

**ଜଳେଶ୍ୱର, ୨୭।୧୨(ଡି.ଏନ.ଏ.):** ମଙ୍ଗଳବାର ଭୋର ସମୟରେ ଜଳେଶ୍ୱର ନିକଟ ୬୦ନଂ. ଜାତୀୟ ରାଜପଥର ଖୁସି ପ୍ଲାଜା ସମ୍ମୁଖରେ ଏକ ସଡକ ଦୁର୍ଘଟଣା ଘଟିଯାଇଛି । ଏଥିରେ ଆମ୍ବୁଲାନ୍ସ ଡ୍ରାଇଭରଙ୍କ ସହ ୬ଜଣ ଗୁରୁତର ହୋଇଥିବା ବେଳେ ଜଣଙ୍କର ମୃତ୍ୟୁ ଘଟିଛି। ପଶ୍ଚିମବଙ୍ଗ ପଶ୍ଚିମମେଦିନୀପୁର ଜିଲା କେଶପୁର ଅଞ୍ଚଳର ଜଣେ ରୋଗୀଙ୍କୁ ନେଇ ତାଙ୍କ ସମ୍ପର୍କୀୟମାନେ ଭୁବନେଶ୍ୱର ଏମ୍‌ସ୍‌କୁ ଚିକିତ୍ସା ପାଇଁ ଆସିଥିଲେ। ସେଠାରୁ ଫେରିବା ବେଳେ ଡ୍ରାଇଭରଙ୍କ ଅସାବଧାନତା ଯୋଗୁ ପାର୍ଶ୍ୱରେ ଛିଡା ହୋଇଥିବା ଏକ ମାଛ ବୋଝେଇ ଟ୍ରକ୍‌କୁ ପଛପଟୁ ଧକ୍କା ଦେଇଥିଲା । ସେଥିରେ ଥିବା ଡ୍ରାଇଭର ଏସକେ ହବିବୁର ଓ ଏସକେ ତାଜୁବ ଖାଁ, ଏସ୍‌କେ ସାଦିକ ଅଲି, ଇରସାଦ ଖାଁ, ଏସ୍‌କେ ମାଫିଜୁଲ, ସାହାଜୁଦ୍ଦିନ ଖାଁ , ଇସ୍‌ମା ଖାତୁନ ପ୍ରମୁଖ ଗୁରୁତର ହୋଇ ଜିକେଭଟ୍ଟର ହସ୍‌ପିଟାଲରେ ଭର୍ତ୍ତି ହୋଇଥିଲେ । ସେଠାରେ ଇରସାଦ ଖାଁଙ୍କ ମୃତ୍ୟୁ ଘଟିଥିବା ବେଳେ ଗୁରୁତରମାନଙ୍କୁ ବାଲେଶ୍ୱର ମୁଖ୍ୟ ଡାକ୍ତରଖାନାକୁ ପଠାଯାଇଛି।

### ପଞ୍ଚାୟତ ଚତୁର୍ଥ ଶ୍ରେଣୀ କର୍ମଚାରୀ ସଂଘର ବୈଠକ

**ଗୋପବନ୍ଧୁ ନଗର,୨୭।୧୨(ଡି.ଏନ.ଏ.):** ଗୋପବନ୍ଧୁ ନଗର ଓ ଖୁଣ୍ଟା ବ୍ଲକରେ କାର୍ଯ୍ୟରତ ପଞ୍ଚାୟତ ଚତୁର୍ଥ ଶ୍ରେଣୀ କର୍ମଚାରୀ ସଂଘର ବୈଠକ ସାନଖୁଣ୍ଟା ପଞ୍ଚାୟତ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଜିଲା ସମ୍ପାଦକ ଦିବାକର ବନ୍ଧାଣୀ ଏଥିରେ ଅଧକ୍ଷତା କରିଥିଲେ। ବୈଠକରେ ଉଭୟ ବ୍ଲକର ୨୦ରୁ ଅଧିକ ଚତୁର୍ଥ ଶ୍ରେଣୀ କର୍ମଚାରୀ ଯୋଗଦେଇ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ତେବେ ତୃଣମୂଳସ୍ତରରେ ସଂଗଠନକୁ ସୁଦୃଢ଼ କରିବା ପାଇଁ ଉଭୟ ବ୍ଲକର ନୂତନ କମିଟି ଗଠନ ହୋଇଥିଲା। ଏହି ପ୍ରକ୍ରିୟାରେ ଗୋପବନ୍ଧୁ ନଗର ବ୍ଲକର ସଭାପତି ଭାବେ ଭୈରବ ମହାପାତ୍ର, ସମ୍ପାଦକ ସୁଜୟ କୁମାର ସିଂ ଓ କୋଷାଧକ୍ଷ ଶଶିଧର ରାଉତ ନିର୍ବାଚିତ ହୋଇଛନ୍ତି।

### ତାମିଲନାଡୁରେ ଓଡ଼ିଆ ଶ୍ରମିକଙ୍କ ସନ୍ଦେହଜନକ ମୃତ୍ୟୁ

**ପଦ୍ମପୁର,୨୭।୧୨(ଡି.ଏନ୍.ଏ.):** ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ବାଲିମେଦ ଗ୍ରାମର ଜଣେ ଯୁବକଙ୍କର ତାମିଲନାଡୁର ନାମକଲଠାରେ ଗତ ୧୯ ତାରିଖ ରାତିରେ ସନ୍ଦେହଜନକ ମୃତ୍ୟୁ ଘଟିଛି। ମୃତକ ହେଉଛନ୍ତି ମାନସ ଦାସ। ସେ ଗତ ଦୁଇବର୍ଷ ଧରି ସେଠାରେ ଥିବା ଏକ କମ୍ପାନୀରେ କାମ କରୁଥିଲେ। ୧୯ ତାରିଖ ରାତିରେ କମ୍ପାନୀର ଏକ ଘରେ ଶୋଇଥିବା ବେଳେ ତାଙ୍କର ମୃତ୍ୟୁ ଘଟିଥିଲା। ସେ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିବା କମ୍ପାନୀ କର୍ମଚାରୀ କହିଥିବା ବେଳେ ସ୍ଥାନୀୟ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ସହ ଏକ ଅପମୃତ୍ୟୁ ମାମଲା (ନଂ. ୨୦/୨୨) ରୁଜୁ କରିଛି। ଖବରପାଇ ମାନସଙ୍କ ପରିବାର ଲୋକେ ସେଠାକୁ ଯାଇ ଅନ୍ତିମ ସଂସ୍କାର କରି ଫେରିଛନ୍ତି। ମାନସଙ୍କୁ କେହି ମାରି ଦେଇଥିବା ସେମାନେ ଅଭିଯୋଗ କରିଛନ୍ତି।

# ସୋରିଷ କ୍ଷେତ ପରିଦର୍ଶନ କଲେ ଜିଲାପାଳ



ମଇତାପୁରରେ ଜିଲାପାଳ ଚାଷୀ ଓ ବିଭିନ୍ନ ଅଧିକାରୀମାନଙ୍କ ସହ ଆଲୋଚନା କରୁଛନ୍ତି।

**ସିମୁଳିଆ, ୨୭।୧୨(ଡି.ଏନ.ଏ.)**

ବାଲେଶ୍ୱର ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେ ଓ ଅନ୍ୟ ଅଧିକାରୀ ମଙ୍ଗଳବାର ସିମୁଳିଆ ବ୍ଲକ ମଇତାପୁର ଅଞ୍ଚଳର ବିଭିନ୍ନ ସୋରିଷ କ୍ଷେତ ପରିଦର୍ଶନ କରିଛନ୍ତି। ଏହି ଅବସରରେ ବିଭିନ୍ନ ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳା ଓ ଚାଷୀମାନଙ୍କୁ ଭେଟି କୃଷିର ଉନ୍ନତି ଓ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଖାଉଟିମାନେ ଖାଣ୍ଟି ସୋରିଷ ତେଲ ପାଇବା ପାଇଁ ନିଜେ କିପରି ସୋରିଷରୁ ତେଲ ବାହାର କରିପାରିବେ ସେ ସମ୍ପର୍କରେ ଆଲୋଚନା କରିଥିଲେ। ଏଥିପାଇଁ ସବ୍‌ସିଡ୍ ଯୋଜନାରେ ଏକ ଟେଲପେଡ଼ା ମେସିନ ଯୋଗାଇ ଦେବାପାଇଁ ଅନ୍ୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ସେହିପରି କୃଷି ପାଇଁ କେନାଲ ଜଳଯୋଗାଣ ସମ୍ପର୍କରେ ଆଲୋଚନା କରିବା ସହିତ ଘାସ ଓ କଳମରେ କେନାଲ ପୋତିହୋଇ ପଡ଼ିଥିବା ଦେଖିଥିଲେ। ଏହାକୁ ପଞ୍ଚାୟତରେ ଏକ ଯୋଜନା କରି କେନାଲ ସଫା କରିବା ପାଇଁ ପରାମର୍ଶ ଦେଇଥିଲେ। ସିମୁଳିଆ କୃଷି ବିଭାଗର ସହଯୋଗରେ ଚଳିତବର୍ଷ ମଇତାପୁର ପଞ୍ଚାୟତର ହାଟମେଇତାପୁର, ସାନମେଇତାପୁର, ମଇତାପୁର ଓ ରାମବିନ୍ଧା ଅଞ୍ଚଳରେ ୩୭୫ଏକର ସୋରିଷ ଚାଷ କରାଯାଇଛି। ସ୍ଥାନୀୟ ଅଞ୍ଚଳର ପଳ୍ଲି ପ୍ରଗତି କୃଷକ ମଞ୍ଚର ଗଜେନ୍ଦ୍ର ପ୍ରସାଦ ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୩ଶହ ଚାଷୀ ସୋରିଷ ଚାଷ କରିଛନ୍ତି । ଜିଲାପାଳ ଅଗ୍ରଣୀ ଚାଷୀ ଗଜେନ୍ଦ୍ର ପ୍ରସାଦ ବେହେରା କହିଥିବା ଭାବେ ଅର୍ଗାନିକ ସୋରିଷ ଚାଷ ଓ ଜିଆ ଖତ(ଭର୍ମି କମ୍ପୋଷ୍ଟ) କ୍ଷେତ୍ର ପରିଦର୍ଶନ କରିବା ସହିତ କୃଷି ସମ୍ପର୍କରେ ଆଲୋଚନା କରିଥିଲେ। ଧାନ ମଣ୍ଡି ଖୋଲିବା ପୂର୍ବରୁ ଆନ୍ଧ୍ର ବେପାରୀ ଧାନ ନେଇଯିବା ଓ ସୋରିଷ ସହିତ ବିଭିନ୍ନ ଚାଷର ଅଭାବୀ ବିକ୍ରି ସମ୍ପର୍କରେ ମଧ ଆଲୋଚନା କରାଯାଇଥିଲା। ଏହି ଅବସରରେ ଚାଷୀମାନେ ସୋଲାର ସିଷ୍ଟମ୍ ମାଧ୍ୟମରେ ଜଳଯୋଗାଣ ପାଇଁ ଦାବି କରିଥିଲେ। ଅନ୍ୟ ଅଧିକାରୀମାନଙ୍କ ମଧ୍ୟରେ କୃଷି ବିଭାଗର ଜିଲା ନୋଡ଼ାଲ ଅଫିସର ଶୁଭମ ସକ୍ସେନା, ଜିଲା ମୁଖ୍ୟ କୃଷି ଅଧିକାରୀ ନିକୁଞ୍ଜ କୁମାର ରାଉତ, ସିମୁଳିଆ ଜିଲା କୃଷି ଅଧିକାରୀ ଲିଟି ପଟ୍ଟନାୟକ, ସହକୃଷି ଅଧିକାରୀ ସ୍ମିତପ୍ରଜ୍ଞ ଖମାରୀ ପ୍ରମୁଖ ଯୋଗ ଦେଇଥିଲେ ।

## ଶୀତକାଳୀନ ସ୍ୱତନ୍ତ୍ର ଶିବିରରେ ୫୦ ଛାତ୍ରୀଛାତ୍ର



ଶିବିରରେ ଉପସ୍ଥିତ ଅତିଥିମାନେ।

**ବାହାନଗା, ୨୭।୧୨(ଡି.ଏନ.ଏ.)**

ବାଲେଶ୍ୱର ଜିଲ୍ଲା ବାହାନଗା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ରାଷ୍ଟ୍ରୀୟ ସେବା ଯୋଜନାର ଶୀତକାଳୀନ ସ୍ୱତନ୍ତ୍ର ଶିବିର ଶୁକ୍ରବାର ଉଦ୍‌ଘାଟିତ ହୋଇଛି। ବାହାନଗା ବାଞ୍ଛାନିଧି ମହିଳା ଉଚ୍ଚ ବିଦ୍ୟାଳୟ ପରିସରରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଜୁନିୟର କଲେଜ ଅଧକ୍ଷ ବିନୋଦ କୁମାର ମହାରଣା ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ବ୍ଲକ ଅଧକ୍ଷ ବିଶ୍ୱନାଥ ମିଶ୍ର ଯୋଗଦେଇ ଏନଏସଏସ କ୍ୟାମ୍ପରେ ଯୋଗ ଦେଉଥିବା ଛାତ୍ରୀଛାତ୍ର ଓ ଉପସ୍ଥିତ କମାରୀପୁର ଗ୍ରାମବାସୀଙ୍କୁ ସେବା ଯୋଜନା ବିଷୟରେ ବୁଝାଇଥିଲେ। ସମ୍ମାନନୀୟ ଅତିଥି ଭାବେ କମାରୀପୁର ଗ୍ରାମର ଲୋକନାଥ ପରିଡ଼ା, ରାଜେନ୍ଦ୍ର ପ୍ରସାଦ ବେହେରା, ସଞ୍ଜୟ କୁମାର ବେହେରା, ବାହାନାଗା ପଞ୍ଚାୟତ ସମିତିସଭ୍ୟ ସରୋଜ କୁମାର ରାଉତ, ଏନ୍‌ଏସଏସ୍‌ର ପ୍ରୋଗ୍ରାମ ଅଫିସର ଇତିଶ୍ରୀ ସମିତା ବେହେରା, ଖବରଦାତା ରଞ୍ଜିତ କୁମାର ଦାସ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ଜାତୀୟ ସେବା ଯୋଜନାର କିପରି ସଫଳ ରୂପାୟନ ହୋଇପାରିବ ସେ ଉପରେ ଆଲୋକପାତ କରିଥିଲେ। ଏହି କ୍ୟାମ୍ପରେ ୨୫ଜଣ ଛାତ୍ରୀ ଓ ୨୫ଜଣ ଛାତ୍ର ସ୍ୱେଚ୍ଛାସେବୀ ଭାବେ କାର୍ଯ୍ୟ କରିବା ପାଇଁ ଯୋଗ ଦେଇଛନ୍ତି। ସଭାରେ କମାରୀପୁର ଗ୍ରାମରେ ଥିବା ସ୍ୱୟଂସହାୟିକା ଗୋଷ୍ଠୀ ସଭାପତି, ସମ୍ପାଦିକାମାନେ ସ୍ୱେଚ୍ଛାସେବୀମାନଙ୍କ ସ୍ୱାଗତ କରିଥିଲେ। ତାପସ କୁମାର ପାତ୍ର ଧନ୍ୟବାଦ ଦେଇଥିଲେ। ପରେ ବିଦ୍ୟାଳୟ ପରିସରରେ ଅଧକ୍ଷ ମିଶ୍ରଙ୍କ ଦ୍ୱାରା ବୃକ୍ଷରୋପଣ କରାଯାଇଥିଲା। ଅର୍ଥନୀତି ବିଭାଗର ଅଧ୍ୟାପକ ବରୁଣ କୁମାର ପଣ୍ଡା, କ୍ରୀଡା ଶିକ୍ଷକ ସୁରେନ୍ଦ୍ର କୁମାର ବାରିକ, ଇଂଲିଶ ବିଭାଗର ଅଧ୍ୟାପକ ବିକାଶ ମୋହନ ଦାସ, ସୁବାସ କୁମାର ପଣ୍ଡା, ପ୍ରମିଳା ମଲ୍ଲିକ, ସରୋଜିନୀ ସୂତାରଙ୍କ ସମେତ ବାଞ୍ଛାନିଧି ମହିଳା ଉଚ୍ଚ ବିଦ୍ୟାଳୟର କର୍ମଚାରୀମାନେ ସହଯୋଗ କରିଥିଲେ।

# କରାଟେ ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧନା

**ବାରିପଦା ଅଫିସ,୨୭।୧୨**





ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀମାନେ।

ସର୍ବ ଭାରତୀୟ ଓପନ କରାଟେ ପ୍ରତିଯୋଗିତା-୨୦୨୨ରେ ବାରିପଦା ସ୍ଥିତ ଉତ୍କଳ କରାଟେ ସ୍କୁଲର ଛାତ୍ରମାନେ ସ୍ୱର୍ଣ୍ଣ ପଦକ ସଫଳତା ହାସଲ କରି ଜିଲାର ଗୌରବ ବୃଦ୍ଧି କରିଛନ୍ତି । ଭୁବନେଶ୍ୱରସ୍ଥିତ ଉତ୍କଳ କରାଟେ ସ୍କୁଲ ପରିସରରେ ୫ଦିନ ଧରି ଚାଲିଥିବା ପ୍ରତିଯୋଗିତାରେ ୬ଜଣ ଛାତ୍ର କୃତିତ୍ୱ ଅର୍ଜନ କରିଛନ୍ତି । ଶିବୁ ସିଂ ଗୋଟିଏ ଲେଖାଏ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ, ସାଇ ଶୁଭମ ଦାସ ଦୁଇଟି ବ୍ରୋଞ୍ଜ, ଓମ୍ ପ୍ରକାଶ ଦେ, ଅଭିଜିତ ସିଂହ ସାମନ୍ତ, ଆନିଶ ଦଣ୍ଡପାଟ ଓ ସୌମ୍ୟ ସୁପ୍ରତୀକ ଗୋଟିଏ ଲେଖାଏ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଛାତ୍ରମାନଙ୍କୁ ସମ୍ବର୍ଦ୍ଧିତ କରିବା ପାଇଁ ଏକ ସଭାର ଆୟୋଜନ କରାଯାଇଥିଲା। ସ୍କୁଲର ସଭାପତି ଦେବାଶିଷ ପାତ୍ରଙ୍କ ପୌରାହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଏମପିସି ସ୍ୱୟଂଶାସିତ କଲେଜର ପ୍ରାକ୍ତନ ଅଧକ୍ଷ ହରିହର ଦାସ ଓ ମୁଖ୍ୟବକ୍ତା ଭାବେ ପ୍ରଶିକ୍ଷକ ପ୍ରଦୀପ ଦେ ଯୋଗଦେଇ କରାଟେ ସମ୍ପର୍କିତ ବକ୍ତବ୍ୟ ପ୍ରଦାନ କରିଥିଲେ। ପ୍ରଶିକ୍ଷକ ରନକ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିବା ବେଳେ ସୋନ ସିଂ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ପୂର୍ବଶତ୍ରୁତାରୁ ମହିଳାଙ୍କୁ କୁରାଢ଼ିରେ ହାଣି ଫିଙ୍ଗିଦେଲେ

**ମୁମୂର୍ଷୁ ଅବସ୍ଥାରେ ଜୋରରୁ ଉଦ୍ଧାର**

**ପଦ୍ମପୁର, ୨୭।୧୨(ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁର ଥାନା ଅଧୀନ ଆନ୍ଦୋଳା ପଞ୍ଚାୟତର ଜୋରାଗଡ଼ିଆ ଗ୍ରାମରେ ପୂର୍ବଶତ୍ରୁତାକୁ ନେଇ ମଙ୍ଗଳବାର ଅବନ୍ତୀ ପ୍ରଧାନ ନାମ୍ନୀ ମହିଳାଙ୍କୁ ମରଣାନ୍ତକ ଆକ୍ରମଣ କରାଯାଇଛି। ତାଙ୍କୁ କୁରାଢ଼ିରେ ହାଣି ନିକଟସ୍ଥ ଏକ ଜୋରକୁ ଫିଙ୍ଗି ଦିଆଯାଇଥିଲା। ଗ୍ରାମବାସୀ ତାଙ୍କୁ ମୁମୂର୍ଷୁ ଅବସ୍ଥାରେ ଉଦ୍ଧାର କରି ପ୍ରଥମେ ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପରେ ତାଙ୍କୁ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଏନେଇ ତାଙ୍କ ଝିଅ ପ୍ରମିଳାଙ୍କ ଅଭିଯୋଗ କ୍ରମେ ପୋଲିସ ଏକ ମାମଲା (ନଂ. ୨୮୭/୨୨) ରୁଜୁ କରିବା ସହ ଜଣଙ୍କୁ ଅଟକ ରଖି ତଦନ୍ତ ଚଳାଇଛି। ପ୍ରକାଶ ଯେ, ଜମିବାଡ଼ି ବିବାଦକୁ ନେଇ ଅବନ୍ତୀ ଓ ତାଙ୍କ ପଡ଼ୋଶୀଙ୍କ ମଧ୍ୟରେ କିଛିଦିନ ହେଲା ଶତ୍ରୁତା ଲାଗି ରହିଥିଲା। ଏପରିକି ଏହି ଶତ୍ରୁତାରୁ ୬ମାସ ତଳେ ତାଙ୍କ ସ୍ୱାମୀ କରୁଣାକରଙ୍କୁ ହତ୍ୟା କରାଯାଇଥିଲା। ଏଥିରେ ସମ୍ପୃକ୍ତ କେତେଜଣ ଅଭିଯୁକ୍ତ ଗିରଫ ହୋଇଥିଲେ।

## ଟିଏଭି ଓଏମ୍‌ସି ପବ୍ଲିକ ସ୍କୁଲର ବାର୍ଷିକ କ୍ରୀଡ଼ା



ବାର୍ଷିକ କ୍ରୀଡ଼ାରେ ଅତିଥିଙ୍କ ସହ କୃତୀ ପ୍ରତିଯୋଗୀ।

**ଯୋଡ଼ା, ୨୭।୧୨(ଡି.ଏନ.ଏ.)**

କେନ୍ଦୁଝର ଜିଲା ଯୋଡ଼ା ବ୍ଲକ ଜୁରୁଡିସ୍ଥିତ ଡିଏଭି ଓଏମ୍‌ସି ପବ୍ଲିକ ସ୍କୁଲର ଅଷ୍ଟମ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଦୁଇଦିନ ବ୍ୟାପୀ ଅନୁଷ୍ଠିତ ହୋଇଯାଇଛି। ସୋମବାର ଉଦ୍‌ଘାଟିତ ହୋଇ ମଙ୍ଗଳବାର ଅପରାହ୍ନରେ ଉଦ୍‌ଯାପିତ ହୋଇଛି। ଓଏମ୍‌ସି ବଡ଼ବିଲ ମଣ୍ଡଳର ଆଞ୍ଚଳିକ ଅଧିକାରୀ ଅବନୀକାନ୍ତ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ମାସ୍କଟ 'ରୟାଲ-କୋକୋ'ର ଅନାବରଣ କରି ପ୍ରତିଯୋଗିତାର ଶୁଭାରମ୍ଭ କରିଥିଲେ। ନିଜ ବିଦ୍ୟାଳୟ ଜୀବନର ସ୍ମୃତି ରୋମନ୍ଥନ କରି ଛାତ୍ରୀଛାତ୍ରଙ୍କୁ ପ୍ରତିଯୋଗିତାରେ ଅଂଶଗ୍ରହଣ ପାଇଁ ଉତ୍ସାହିତ କରିଥିଲେ। ଏହି ଅବସରରେ ଅନୁଷ୍ଠିତ ସଭାରେ ସ୍କୁଲ ଅଧକ୍ଷ ସୌମେନ୍ଦ୍ର ନାୟକ ଖେଳୁଆଡ଼ ମନୋବୃତ୍ତି ନେଇ ପ୍ରତିଯୋଗିତାରେ ଭାଗ ନେବାକୁ ଛାତ୍ରୀଛାତ୍ରଙ୍କୁ ଅନୁପ୍ରେରିତ କରିଥିଲେ। ୫ଶହରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଏଥିରେ ଭାଗ ନେଇଥିଲେ।

ଉଦ୍‌ଯାପନୀ ଉତ୍ସବରେ ଓଏମ୍‌ସି ଜିଲିଙ୍ଗ ଲଙ୍ଗାଲୋଟା ଲୌହ ଖଣି ମୁଖ୍ୟ ପରିଚାଳକ ଚିନ୍ମୟ ପରିଡ଼ା ମୁଖ୍ୟଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ପ୍ରତିଯୋଗିତାରେ ତକ୍ଷଶିଳା ହାଉସ ଚାମ୍ପିୟନ, ବଲ୍ଲଭୀ ଓ ପୁଷ୍ପଗିରି ହାଉସ ଯୁଗ୍ମ ଭାବେ ରନର୍ସଅପ୍ ହୋଇଥିଲେ। ଆୟୋଜିତ ଉତ୍ସବ କ୍ରୀଡ଼ା ଶିକ୍ଷକ ଶଙ୍କର ବେହେରାଙ୍କ ଦ୍ୱାରା ପରିଚାଳିତ ହୋଇଥିବା ବେଳେ ଶିକ୍ଷକ ସଞ୍ଜୟ ସାମନ୍ତରାୟ, ସୁରେନ୍ଦ୍ର ପ୍ରଧାନ, ପ୍ରସନ୍ନ ପ୍ରଧାନ, ରବୀନ୍ଦ୍ର ବେହେରା, ତପସ୍ୱିନୀ ମଣ୍ଡଳ, ଅଭିସ୍ମିତା ସ୍ୱାଇଁ, ମୋନାଲିସା କର ପ୍ରମୁଖ ସହଯୋଗ କରିଥିଲେ।

## ନାବାଳିକାଙ୍କୁ ଅପହରଣ ଅଭିଯୋଗ, ଅଭିଯୁକ୍ତ ଗିରଫ

**ବାଙ୍ଗିରିପୋଷି,୨୭।୧୨(ଡି.ଏନ.ଏ.)**

ନାବାଳିକା ଅପହରଣ ମାମଲାରେ ଫେରାର ଥିବା ଜଣେ ଅଭିଯୁକ୍ତଙ୍କୁ ବାଙ୍ଗିରିପୋଷି ଥାନା ପୋଲିସ ଗିରଫ କରିଛି। ସେ ହେଲେ ବେତନଟୀ ଥାନା ଅନ୍ତର୍ଗତ ବଡ଼ଯୋଡ଼ ବିରୁଡ଼ି ଗ୍ରାମର ପରେଶ ନାଏକଙ୍କ ପୁଅ ସିଦ୍ଧାନ୍ତ (୨୧)। ବାଙ୍ଗିରିପୋଷି ଥାନା ଅଞ୍ଚଳର ଉକ୍ତ ନାବାଳିକାଙ୍କୁ ସିଦ୍ଧାନ୍ତ ଅପହରଣ କରି ନେଇଥିବା ଥାନାରେ ଅଭିଯୋଗ ହୋଇଥିଲା। ଏନେଇ ବାଙ୍ଗିରିପୋଷି ପୋଲିସ ଏକ ମାମଲା(ନଂ. ୨୦୧/୧୬।୯।୨୨) ରୁଜୁ କରି ତଦନ୍ତ ଚଳାଇଥିଲା। ଅଭିଯୁକ୍ତ ନାବାଳିକାଙ୍କୁ ନିଜ ଗାଁରେ ରଖିଥିବା ଖବରପାଇ ପୋଲିସ ଚଢ଼ାଉ କରିଥିଲା। ସେଠାରୁ ଅପହୃତା ନାବାଳିକାଙ୍କୁ ଉଦ୍ଧାର କରାଯାଇଥିବା ବେଳେ ଅଭିଯୁକ୍ତ ଫେରାର ହୋଇଯାଇଥିଲେ। ତେବେ ସେ ଶ୍ରମିକ ଭାବେ ଗୋଆରେ କାମ କରୁଥିବା ଖବରପାଇ ବାଙ୍ଗିରିପୋଷି ଥାନା ଅଧିକାରୀ କମଳାକାନ୍ତ ଦାସଙ୍କ ନିର୍ଦ୍ଦେଶ କ୍ରମେ ଏସ୍‌ଆଇ ମିନତୀ ନାଏକଙ୍କ ସହ ପୋଲିସ କର୍ମଚାରୀ ଗୋଆ ଯାଇ ଅଭିଯୁକ୍ତଙ୍କୁ ଗିରଫ କରିଥିଲେ। ମଙ୍ଗଳବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଛି।

## ନିଖୋଜ ପ୍ରଶିକ୍ଷକଙ୍କ ମୃତଦେହ ଜବତ

**ସାରସକଣା,୨୭।୧୨(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ସାରସକଣା ବ୍ଲକ ଝାରପୋଖରିଆ ସ୍ଥିତ ସୀମାନ୍ତ ଶିଳ୍ପ ତାଲିମ କେନ୍ଦ୍ରର ମେକାନିକାଲ ବିଭାଗ ସହାୟକ ପ୍ରଶିକ୍ଷକ ପ୍ରଶାନ୍ତ କୁମାର ଦାସଙ୍କ ମୃତଦେହ ଜବତ ହୋଇଛି। ଗତ ୨୩ତାରିଖ ରାତି ୧୦ଟାରେ ପୈତୃକ ଗ୍ରାମରୁ ବାଇକ୍ ଯୋଗେ ବାହାରାଗୋଡ଼ା ଯାଉଥିବା ବେଳେ ସେ ନିଖୋଜ ହୋଇଯାଇଥିଲେ। ଏନେଇ ତାଙ୍କ ପରିବାର ଲୋକେ ଝାଡ଼ଖଣ୍ଡର ବଡ଼ଶୋଳ ଥାନାରେ ଅଭିଯୋଗ କରିଥିଲେ। ମଙ୍ଗଳବାର ତାଙ୍କ ମୃତଦେହ ପଶ୍ଚିମବଙ୍ଗର ପାଟପୁର ଅଞ୍ଚଳର ଏକ ପୋଖରୀରୁ ମିଳିଥିବା ପରିବାର ଲୋକେ କହିଛନ୍ତି। ଉଲ୍ଲେଖଯୋଗ୍ୟ, ଦାସ ୨୫ବର୍ଷ ହେଲା ସୀମାନ୍ତ ଶିଳ୍ପ ତାଲିମ କେନ୍ଦ୍ରରେ ସହକାରୀ ପ୍ରଶିକ୍ଷକ ଭାବେ ଚାକିରି କରିଆସୁଥିଲେ। ତାଙ୍କ ମୃତ୍ୟୁରେ କଲେଜର ଅଧ୍ୟାପକ,ସମସ୍ତ କର୍ମଚାରୀ, ଛାତ୍ରୀଛାତ୍ରମାନେ ଶୋକ ପ୍ରକାଶ କରିଛନ୍ତି।

# ରାଜପଥରେ କଡ଼ାକଡ଼ି ହେବ ଯାଞ୍ଚ

**ଜିଲା ସଡ଼କ ସୁରକ୍ଷା ସମୀକ୍ଷା ବୈଠକ**

**କେନ୍ଦୁଝର, ୨୭।୧୨(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ସଡ଼କ ସୁରକ୍ଷା କମିଟିର ସମୀକ୍ଷା ବୈଠକ ଜିଲାପାଳଙ୍କ ମିନି କନ୍‌ଫରେନ୍ସ ହଲ୍‌ରେ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଆଶିଷ ଠାକ୍‌ରେ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ବିରଞ୍ଚି ପ୍ରସାଦ ଦେହୁରୀ, ଆଞ୍ଚଳିକ ପରିବହନ ଅଧିକାରୀ ଇଂ. ଗୋପାଳକୃଷ୍ଣ ଦାସ ଏବଂ ଏନ୍‌ଏଚ୍‌ଏଆଇର ଅଧିକାରୀମାନେ ଯୋଗ ଦେଇଥିଲେ। ଗତ ୩ମାସର ଦୁର୍ଘଟଣା ନେଇ ବୈଠକରେ ଆଲୋଚନା କରାଯାଇଥିଲା। ଯେଉଁ ସ୍ଥାନରେ ସଡ଼କ ଦୁର୍ଘଟଣା ଘଟିଛି, ସେନେଇ ପୋଲିସ ଏବଂ ପରିବହନ ବିଭାଗ ତଦନ୍ତ ରିପୋର୍ଟ ଉପସ୍ଥାପନା କରିଥିଲେ। ଜିଲାରେ ବ୍ଲାକ ସ୍ପଟ ଚିହ୍ନଟ ଏବଂ ସଂଶୋଧନର ସମୀକ୍ଷା ଓ ନିରୀକ୍ଷଣ ଉପରେ ଆଲୋଚନା ହୋଇଥିଲା। ଗାଡ଼ିର ବେଗ, ଟ୍ରାଫିକ ସୁରକ୍ଷା, ପ୍ରତି ୫ କିଲୋମିଟରରେ ବେଗ ନିୟନ୍ତ୍ରଣ ବୋର୍ଡ ଲଗାଇବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଅନେକ ସ୍ଥାନରେ ଲଗାଯାଇଥିବା ଷ୍ଟ୍ରିଟଲାଇଟ ଜଳୁ ନ ଥିବାରୁ ସେସବୁ ମରାମତି ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଜିଲାରେ ପ୍ରତ୍ୟହ ସଡ଼କ ଦୁର୍ଘଟଣା ଯୋଗୁ ଧନଜୀବନ ହାନି ଘଟୁଛି। ଏହାକୁ ରୋକିବା ପାଇଁ ରାଜପଥରେ କଡ଼ାକଡ଼ି ଯାଞ୍ଚ କରାଯିବ। ଟ୍ରାଫିକ ନିୟମ କଡ଼ାକଡ଼ି ପାଳନ, ବାଇକ୍ ଆରୋହୀଙ୍କ ପାଇଁ ହେଲ୍‌ମେଟ ପିନ୍ଧିବା ବାଧ୍ୟତାମୂଳକ କରିବା, ମଦ୍ୟପାନ କରି ଗାଡ଼ି ଚଲାଉଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ, ବିନା ଲାଇସେନ୍ସରେ ଗାଡ଼ି ଚାଳକଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯିବା ଉପରେ ଗୁରୁତ୍ୱ ଦିଆଯାଇଥିଲା।

## ରୋଗୀ ମୃତ୍ୟୁକୁ ନେଇ ହସ୍ପିଟାଲରେ ଉତ୍ତେଜନା

**ଜଳେଶ୍ୱର, ୨୭।୧୨(ଡି.ଏନ୍.ଏ.)**

ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ଜିକେ ଭଟ୍ଟର ହସ୍‌ପିଟାଲରେ ରୋଗୀ ମୃତ୍ୟୁକୁ ନେଇ ତୁମୁଳକାଣ୍ଡ ଘଟିଛି। ଡାକ୍ତରଙ୍କ ଚିକିତ୍ସାରେ ଅବହେଳା ଯୋଗୁ ଏପରି ଘଟିଥିବା ପରିବାର ପକ୍ଷରୁ ଅଭିଯୋଗ କରାଯାଇଛି। ନାମ୍ପୋ ଗ୍ରାମର ଅକ୍ଷୟ କୁମାର ଜେନା ମଙ୍ଗଳବାର ସକାଳେ ଘରେ ଅସୁସ୍ଥ ହେବାରୁ ତାଙ୍କୁ ଜିକେ ଭଟ୍ଟର ହସ୍‌ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଶିଶୁ ଡାକ୍ତର ରୋଗୀଙ୍କୁ ଚିକିତ୍ସା କରିବାର ଅଳ୍ପ ସମୟ ମଧ୍ୟରେ ତାଙ୍କର ପ୍ରାଣବାୟୁ ଉଡ଼ିଯାଇଥିଲା । ତାଙ୍କୁ ଭୁଲ ଇଞ୍ଜେକ୍ସନ ଦିଆଯାଇଥିବାରୁ ତାଙ୍କର ମୃତ୍ୟୁ ଘଟିଥିବା ନେଇ ପରିବାର ପକ୍ଷରୁ ଅଭିଯୋଗ ପରେ ଶତାଧିକ ଗ୍ରାମବାସୀ ଏକାଠି ହୋଇ ଧାରଣାରେ ବସିଥିଲେ। ପରିସ୍ଥିତି ଜଟିଳ ହେବାରୁ ପୋଲିସ ଏସ୍‌ଡିପିଓ ଦିଲୀପ ସାହୁ, ତହସିଲଦାର ମିହିର ରଞ୍ଜନ ବେହେରା, ଜିକେଭଟ୍ଟର ମୁଖ୍ୟ ଚିକିତ୍ସାଧିକାରୀ ଦିଲୀପ ପାତ୍ର ପ୍ରମୁଖ ଆଲୋଚନା ପରେ ଶବ ବ୍ୟବଚ୍ଛେଦ କରାଯାଇଥିଲା।

## ନିର୍ମାଣାଧୀନ ଇନ୍‌ଡୋର ଷ୍ଟାଡିୟମ୍ ପରିଦର୍ଶନ କଲେ ଓମ୍ବାଡ୍‌ସ୍ ଓଭରସାଇଟ୍ ଅଥରିଟି

**ଆନନ୍ଦପୁର,୨୭। ୧୨(ସ୍ୱ.ପ୍ର.)**

ଓମ୍ବାଡ୍‌ସ୍ ଓଭରସାଇଟ୍ ଅଥରିଟି ତଥା ସୁପ୍ରିମକୋର୍ଟ ପୂର୍ବତନ ବିଚାରପତି ଅନଙ୍ଗ କୁମାର ପଟ୍ଟନାୟକ ତିନିଦିନିଆ କେନ୍ଦୁଝର ଜିଲା ଗସ୍ତ ଅବସରରେ ମଙ୍ଗଳବାର ଆନନ୍ଦପୁର ଷ୍ଟାଡିୟମ୍ ପରିସରରେ ନିର୍ମାଣାଧୀନ ଇନ୍‌ଡୋର ଷ୍ଟାଡିୟମ୍ ପରିଦର୍ଶନ କରିଛନ୍ତି। ପୂର୍ତ୍ତ ବିଭାଗ ଅଧୀନରେ ପ୍ରାୟ ୮କୋଟି ଟଙ୍କା ବ୍ୟୟ ଅଟ୍ଟକଳରେ ନିର୍ମାଣାଧୀନ ଏହି ପ୍ରକଳ୍ପ କାର୍ଯ୍ୟର ସମୀକ୍ଷା କରିଥିଲେ। ଏହି ଇନ୍‌ଡୋର ଷ୍ଟାଡିୟମ ଖେଳକୁଦ ସହ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଆଶ୍ରୟସ୍ଥଳ ଭାବେ ବ୍ୟବହାର ହୋଇପାରିବ ବୋଲି କୁହାଯାଇଥିଲା। ଜିଲା ଗସ୍ତର ପ୍ରଥମ ଦିନରେ ପ୍ରାରମ୍ଭରୁ ସେ ରାମଚନ୍ଦ୍ରପୁରଠାରେ ଓମ୍ବାଡ୍‌ସ୍ ଓ ଡିଏମ୍‌ଏଫ୍‌ର ମିଳିତ ଅନୁଦାନରେ ଏଲ୍.ଏନ୍. ବିଦ୍ୟାଳୟ ନିର୍ମାଣ କାର୍ଯ୍ୟ ସମୀକ୍ଷା କରିଥିଲେ। ପରେ ହାଟଡିହୀ ଅଞ୍ଚଳ ଗସ୍ତ କରିଥିଲେ।



# 'ଭଲ ମଣିଷ ହେବାକୁ ଭଲ ପାଠ ପଢ଼ିବା ଜରୁରୀ'

**ଖଗେଶ୍ୱର ସରକାରୀ ଉ.ପ୍ରା. ବିଦ୍ୟାଳୟ ସୁବର୍ଣ୍ଣ ଜୟନ୍ତୀ**

**ବନ୍ତ,୨୭।୧୨ (ଡି.ଏନ୍.ଏ.)**





ସମାରୋହରେ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମଙ୍କ ସହ ଅତିଥିମାନେ।

ଭଲ ମଣିଷ ହେବା ପାଇଁ ଭଲ ପାଠ ପଢ଼ିବା ଜରୁରୀ ବୋଲି ମଙ୍ଗଳବାର ଭଦ୍ରକ ଜିଲା ବନ୍ତ ବ୍ଲକ ଛୟାଳସିଂହସ୍ଥିତ ଖଗେଶ୍ୱର ସରକାରୀ ଉ.ପ୍ରା. ବିଦ୍ୟାଳୟ ସୁବର୍ଣ୍ଣ ଜୟନ୍ତୀ ସମାରୋହର ଉଦ୍‌ଘାଟନୀ ଉତ୍ସବର ପ୍ରଥମ ଅଧିବେଶନରେ ମୁଖ୍ୟଅତିଥି ଭାବେ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ ଯୋଗଦେଇ କହିଥିଲେ। ଏମ୍‌ପି ମଞ୍ଜୁଲତା ମଣ୍ଡଳ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ପୁରାତନ ଛାତ୍ରସଂସଦ ସଭାପତି ଉଦୟନାଥ ପଣ୍ଡା ସଭାପତିତ୍ୱ କରିଥିଲେ। ବିଶିଷ୍ଟ ଅତିଥି ବିଧାୟକ ପ୍ରଫୁଲ୍ଲ ସାମଲ, ମୁଖ୍ୟବକ୍ତା ବେଦପିୟୁଷର ମୁଖ୍ୟ ସମ୍ପାଦକ ପଣ୍ଡିତ ବିରେନ୍ଦ୍ର କୁମାର ପଣ୍ଡା, ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ଅଧକ୍ଷ ପ୍ରଫୁଲ୍ଲ ଜେନା, ବ୍ଲକ ଅଧକ୍ଷ ମନୋରଞ୍ଜନ ଘଡ଼େଇ, ସରପଞ୍ଚ ସତ୍ୟଭାମା ଧଳ, ରଶ୍ମିତା ସେଠୀ, ସମିତିସଭ୍ୟା ନିରୁପମା ରାଉତ, ପୂର୍ବତନ ସରପଞ୍ଚ ନିହାରିକା ରାଉତ, ବିଡିଓ ପ୍ରଦୀପ କୁମାର ସେଠୀ, ଅତିରିକ୍ତ ତହସିଲଦାର ବିନିତାରାଣୀ କିସ୍କୁ ଓ ପ୍ରତିଷ୍ଠାତା ସଭ୍ୟ ଗଣେଶ ଚନ୍ଦ୍ର ପଣ୍ଡା ଯୋଗ ଦେଇଥିଲେ। ଶିକ୍ଷକ ଶ୍ରୀକାନ୍ତ ପଣ୍ଡା ଅତିଥି ପରିଚୟ ପ୍ରଦାନ ଓ ପ୍ରଧାନ ଶିକ୍ଷୟିତ୍ରୀ ଜୟନ୍ତୀ ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ପ୍ରତିଷ୍ଠାତା ଗଣେଶ୍ୱର ପଣ୍ଡା, ଖଗେଶ୍ୱର ପଣ୍ଡା, ଅବସରପ୍ରାପ୍ତ ଶିକ୍ଷକ ଅଲେଖ ଚନ୍ଦ୍ର ନାୟକ, ପୁରୁଷୋତ୍ତମ ଦାସ ଓ କମଳାକାନ୍ତ ସାହୁଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା।

୨ୟ ଅଧିବେଶନରେ ରାଜ୍ୟ ପୁରସ୍କାରପ୍ରାପ୍ତ ପ୍ରଧାନ ଶିକ୍ଷକ ଖଗେଶ୍ୱର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବିଧାୟକ ସାମଲ, ଅମୃତ ଦର୍ଶନର ସମ୍ପାଦକ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ ଓ ଧାମନଗର ମହାବିଦ୍ୟାଳୟ ଅଧକ୍ଷ ପବିତ୍ର ପାଣିଗ୍ରାହୀ ଯୋଗ ଦେଇଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରାରମ୍ଭରେ ବିଧାୟକ ପ୍ରତିନିଧି ଇଂ.ପ୍ରୟାସକାନ୍ତି ସାମଲଙ୍କ ନେତୃତ୍ୱରେ ଶତାଧିକ କର୍ମୀ ଗଣିଜାଙ୍ଗ ତାରିଣୀ ଛକଠାରୁ ଅତିଥିମାନଙ୍କୁ ବାଇକ୍ ଶୋଭାଯାତ୍ରାରେ ସଭାସ୍ଥଳକୁ ପାଛୋଟି ଆଣିଥିଲେ। ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ, ପୁରାତନ ଛାତ୍ର ସଂସଦର ସଦସ୍ୟ ଓ ବିଦ୍ୟାଳୟ ପରିଚାଳନା କମିଟି ସଭ୍ୟମାନେ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

